# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19th July - 2025

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯାଇ ଗୋ-ଅର୍ଥନୀତିକୁ ଅଧିକ ସମୃଦ୍ଧ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ ।

— ଦୁଗ୍ଧ ଚାଷୀଙ୍କର ଆୟ ବୃଦ୍ଧିପାଇଁ ଜାତୀୟ ଦୁଗ୍ଧ ବିକାଶ ପରିଷଦ ଓ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ।

- ଖରିଫ୍ ବିପଣନ ବର୍ଷ ୨୦୨୫-୨୬ ନିମନ୍ତେ ଆଜିଠାରୁ ରାଜ୍ୟରେ ଆରମ୍ଭ ହେଲା ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ।
- ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ଘଟିଥିବା ଅଘଟଣର ପୀଡ଼ିତାଙ୍କର ବୟାନ ରେକର୍ଡ଼ କଲେ ମାଜିଷ୍ଟ୍ରେଟ୍ ।

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବର୍ଷା ।

*BBSR/R*

# କାମଧେନୁ ଯୋଜନା

ରାଜ୍ୟରେ ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ ଦିଆଯାଇ ଗୋ-ଅର୍ଥନୀତିକୁ ସମୃଦ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କଟକ ଗୋବିନ୍ଦପୁରସ୍ଥିତ ଅରିଲୋଠାରେ ଆଜି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ଓମ୍‌ଫେଡ୍ ହେଉଛି ଶ୍ୱେତ ବିପ୍ଳବର କର୍ଣ୍ଣଧାର । ରାଜ୍ୟର ଦୁଗ୍ଧଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ଓମ୍‌ଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ଆଗାମୀ ଦିନରେ ସରକାର କାମଧେନୁ ଯୋଜନାରେ ଚାଷୀଙ୍କୁ ଅଧିକ ଉନ୍ନତ ପ୍ରଜାତିର ୧୦ ହଜାର ଗାଈ ଯୋଗାଇଦେବାପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଦୁଗ୍ଧଚାଷୀଙ୍କ ଆୟ ବୃଦ୍ଧିପାଇଁ ଏହି ଅବସରରେ ଜାତୀୟ ଦୁଗ୍ଧ ବିକାଶ ପରିଷଦ ଓ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଶ୍ରୀ ମାଝୀ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଅଧୀନରେ ୨୨ଟି ଦୁଗ୍ଧ ପରିବହନ ଯାନ, ଦୁଗ୍ଧ ଗୁଣ୍ଡ ମେସିନ୍‌ର ଶୁଭାରମ୍ଭ ଓ ୬୨ଟି ଓମ୍‌ଫେଡ୍ ଆବାସିକ ପରିସରର ଉଦ୍‌ଘାଟନ କରିଛନ୍ତି। ଗାଈଗୋରୁଙ୍କ ସୁରକ୍ଷାପାଇଁ ସରକାର ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ପଞ୍ଜିକୃତ ଗୋଶାଳାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନାରେ ସହାୟତା ପ୍ରଦାନପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି । କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବିଭିନ୍ନ ଦୁଗ୍ଧ ସଂଘର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।

# ବିକଶିତ ଭାରତ - କର୍ମଶାଳା

ଭୁବନେଶ୍ୱର ଖାରବେଳ ଭବନଠାରେ 'ବିକଶିତ ଭାରତପାଇଁ ବିକଶିତ ଓଡ଼ିଶା' ବିଷୟବସ୍ତୁ ଉପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୨୦୪୭ ମସିହା ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବା ଲକ୍ଷ୍ୟ ସହ ରାଜ୍ୟର ବିକାଶମୂଳକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯାଇଛି । ଏହାସହ ୩୬ ପାଇଁ ୩୬ ପ୍ରମୁଖ କାର୍ଯ୍ୟକ୍ରମର ଉପସ୍ଥାପନା, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳବାୟୁ ଆଦି କ୍ଷେତ୍ରଗୁଡ଼ିକରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାପାଇଁ ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଲକ୍ଷ୍ୟ ପୂରଣ ପାଇଁ ସମୟୋଚିତ ବିତରଣ ଏବଂ ଫଳାଫଳ ସୁନିଶ୍ଚିତ କରିବାପାଇଁ ଦୃଢ଼ ସଂସ୍ଥାଗତ କ୍ଷମତା ଓ ବିଭାଗଗୁଡ଼ିକ ମଧ୍ୟରେ ସହଯୋଗର ଆବଶ୍ୟକତା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ ରିଅଲ୍ ଟାଇମ୍ ଡ୍ୟାସ୍‌ବୋର୍ଡ଼, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ସୁଗମ କାର୍ଯ୍ୟାନ୍ୱୟନପାଇଁ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଉପରେ ଆଲୋକପାତ କରାଯାଇଥିଲା ।

*Puri/R*

# ପୁରୀ ନାବାଳିକା ପୋଡ଼ି

ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳର ପୀଡ଼ିତା ନାବାଳିକାଙ୍କ ବୟାନ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରେକର୍ଡ଼ କରାଯାଇଛି । ସ୍ଥାନୀୟ ଅଞ୍ଚଳର ସି.ସି.ଟି.ଭି. ଯାଞ୍ଚ୍ କରାଯିବା ସହ ପୀଡ଼ିତାଙ୍କ ବୟାନ ଆଧାରରେ ଅଘଟଣର ତଦନ୍ତ ଜାରି ରହିଛି । ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଶରୀରର ୭୫ ପ୍ରତିଶତ ପୋଡ଼ିଯାଇଥିବାରୁ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍‌ସ ନିର୍ଦ୍ଦେଶକ କହିଛନ୍ତି ।

ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ସରକାର ଗୁରୁତ୍ୱର ସହ ବିଚାର କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପୀଡିତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସର ଟ୍ରମାକେୟାରରୁ ବର୍ଣ୍ଣ ୟୁନିଟ୍‌କୁ ସ୍ଥାନାନ୍ତର କରାଯାଇଛି। ସ୍ୱତନ୍ତ୍ର ଡାକ୍ତରୀ ଦଳଙ୍କ ସାହାର୍ଯ୍ୟରେ ପୀଡିତାଙ୍କର ଚିକିତ୍ସା ଚାଲିଛି। ଚିକିତ୍ସାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମ ନିକଟରେ ପୀଡିତାଙ୍କୁ କେତେକ ଦୁବୃତ୍ତ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ। ଘଟିଥିବା ଅଘଟଣର ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ପଦକ୍ଷେପ

ନିଆଯାଇଛି। ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ସ୍ଥିତିର ଅନୁଧ୍ୟାନ କରୁଛନ୍ତି ।

*Desk*

## ଚାଷୀ ପଞ୍ଜୀକରଣ

ଖରିଫ ବିପଣନ ବର୍ଷ ୨୦୨୫-୨୬ ନିମନ୍ତେ ଆଜିଠାରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ ଚଳିତବର୍ଷ ଚାଷୀ ପଞ୍ଜୀକରଣ ସମ୍ପୂର୍ଣ୍ଣ ନୂତନ ଭାବେ କରାଯିବ । ଏଥିରେ ପୂର୍ବବର୍ଷର ନବୀକରଣ କରାଯିବ ନାହିଁ । ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି କିମ୍ବା ଅଣଧାନ ଚାଷ ହୋଇଥିବା ଜମିକୁ ପଞ୍ଜୀକୃତ କରାଯିବ ନାହିଁ। ଭାଗଚାଷୀମାନେ ପଂଜୀକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ। ପଞ୍ଜୀକରଣ ପାଇଁ ଚାଷୀମାନଙ୍କର ଇ-କେୱାଇସି ଏବଂ ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି । ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ ।

ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ଚାଷୀଙ୍କ ତଥ୍ୟ ଯାଞ୍ଚ ପ୍ରକ୍ରିୟା ଶେଷ ହେବ। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଯୋଗ୍ୟ ଚାଷୀଙ୍କ ତାଲିକା ପ୍ରକାଶ ପାଇବ। ନଭେମ୍ବର ମାସ ପ୍ରଥମ ସପ୍ତାହରୁ ସରକାର ଧାନ କିଣିବେ ବୋଲି ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ମାସ

୩୧ ତାରିଖ ସୁଦ୍ଧା ସରକାର ଚାଷୀମାନଙ୍କଠାରୁ ଧାନକିଣା ପ୍ରକ୍ରିୟା ଜାରି ରଖିବେ।

ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ଯଦି କୌଣସି ଅଭିଯୋଗ ଥାଏ ସରକାରୀ କାର୍ଯ୍ୟ ସମୟରେ ୧-୯-୬-୭ ନମ୍ବରକୁ ଟେଲିଫୋନ କରି ସବିଶେଷ ତଥ୍ୟ ଜାଣିପାରିବେ।

***Sambalpur, Deogarh/R***

## ଚାଷୀ ପଞ୍ଜୀକରଣ

ସମ୍ବଲପୁର ଜିଲ୍ଲାରେ ଆଜି ୨୦୨୫-୨୬ ଖରିଫ୍ ବିପରଣ ଋତୁପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ପଞ୍ଜୀକରଣ କାର୍ଯ୍ୟରେ ଜିଲ୍ଲାର ୪୫ଟି ସୋସାଇଟି ଓ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ହୋଇଛନ୍ତି । ଏନେଇ ଆଜି ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର୍‌ଙ୍କ ଏକ ପ୍ରଶିକ୍ଷଣ କର୍ମଶାଳା ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ସମବାୟ ସମିତି ସମୂହ ପ୍ରମୁଖ ଉପସ୍ଥିତ ରହି ପଞ୍ଜୀକରଣ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପାଦନ ପାଇଁ ସୋସାଇଟି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

ଦେବଗଡ଼ ଜିଲ୍ଲା ବିକାଶ ଭବନ ସମ୍ମିଳନୀ କକ୍ଷରେ ୨୦୨୫-୨୬ ଖରିଫ୍ ଋତୁ ଚାଷୀ ପଞ୍ଜୀକରଣ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆଜି ଆରମ୍ଭ ହୋଇଛି ।

***BBSR/R***

## ରେଳଷ୍ଟେସନ - ପୁନଃବିକାଶ

ଭୁବନେଶ୍ୱର ରେଳଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟକୁ ରେଳ ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଆଜି ପରିଦର୍ଶନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ ସୁବିଧାରେ ପରିଣତ କରିବା ଦିଗରେ କାର୍ଯ୍ୟକାରୀ ରହିଛି ବୋଲି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା କହିଛନ୍ତି । ପୁନଃବିକଶିତ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କ ସୁବିଧାପାଇଁ ବିଭିନ୍ନ ଅତ୍ୟାଧୁନିକ ସୁବିଧା ରହିବାପାଇଁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶପାଇଁ ଚଳିତବର୍ଷ ୧୨ ଦଶମିକ ୫ ଗୁଣ ଅଧିକ ବଜେଟ୍ ଆବଣ୍ଟନ କରାଯାଇଛି ।

*Boudh/R*

## ଜାତୀୟ ଶିକ୍ଷାନୀତି - ଆଲୋଚନାଚକ୍ର

ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ସଭାପତିତ୍ୱ କରି ଜାତୀୟ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

*Sonepur/R*

## ଆର୍ଥିକ ସାକ୍ଷରତା

ସୁବର୍ଣ୍ଣପୁର ଜିଲ୍ଲା ସମ୍ମିଳନୀ କକ୍ଷରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାର ସମାଜ ମଙ୍ଗଳ ଅଧିକାରୀ ଯୋଗଦେଇ ଡାକଘର ଓ ବିଭିନ୍ନ ବ୍ୟାଙ୍କ ମଧ୍ୟରେ ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରଧାନମନ୍ତ୍ରୀ ବୀମା ଯୋଜନା, ଜନଧନ ଆକାଉଣ୍ଟ୍, ସାଇବର ଠକେଇ, ଚିଟ୍‌ଫଣ୍ଡ ଆଦି ପ୍ରସଙ୍ଗରେ ସଚେତନ କରାଯାଇଥିଲା ।

*Boudh/R*

## ପୋଶ୍ ଆଇନ କର୍ମଶାଳା

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପୋଶ ଆଇନ-୨୦୧୩ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ପଣ୍ଡା ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ କାର୍ଯ୍ୟାଳୟରେ ପୋଶ୍ ନିୟମ ଅନୁଯାୟୀ ଆଭ୍ୟନ୍ତରୀଣ ସୁରକ୍ଷା କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରାବାସରେ ଅଭିଯୋଗ ବାକ୍ସ ରଖିବାକୁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ମାସରେ କମିଟି ଅଭିଯୋଗର ଶୁଣାଣି ସହ ପଞ୍ଜିକୃତ ସମସ୍ତ ଅଭିଯୋଗକୁ ପୋର୍ଟାଲ୍‌ରେ ଅପ୍‌ଲୋଡ଼ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

*Kalahandi/R*

## ପ୍ରକଳ୍ପ ଶୁଭାରମ୍ଭ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ କଳାହାଣ୍ଡି ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାରେ ୩୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳରେ ୧୯ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହାସହିତ ୨୦୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । କଳାହାଣ୍ଡି ଜିଲ୍ଲାକୁ

ରାଜ୍ୟର ବିକଶିତ ଜିଲ୍ଲାରେ ପରିଣତ କରିବାପାଇଁ ମନ୍ତ୍ରୀ ଶ୍ରୀ ନାଏକ ଆହ୍ୱାନ ଦେଇଛନ୍ତି । ଆଜିର କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

***Bhadrak/R***

## ରାସନ କାର୍ଡ଼ ବଣ୍ଟନ

ଭଦ୍ରକ ଜିଲ୍ଲାର ବାସୁଦେବପୁର ଟାଉନ୍ ହଲ୍‌ଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ ରାସନ କାର୍ଡ଼ ବିତରଣ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କାର୍ଡ଼ ବଣ୍ଟନ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ସୁବିଧାରୁ ଯେଭଳି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବେ, ସେଥିପ୍ରତି ଜିଲ୍ଲା ପ୍ରଶାସନ ଯତ୍ନବାନ ହେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି ।

***Ganjam/R***

## ମତ୍ସ୍ୟଜୀବୀ ପ୍ରଶିକ୍ଷଣ

ଗଞ୍ଜାମ ଜିଲ୍ଲାର ଟାକିରିଆ ବ୍ରହ୍ମପୁରଠାରେ ମତ୍ସ୍ୟବିଭାଗ ଓ ସିଫ୍‌ନେଟ୍‌ଙ୍କ ମିଳିତ ଆନୁକୂଲ୍ୟରେ ତିନିଦିନ ଧରି ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ନିମନ୍ତେ

ମାଛଧରା ପୋତ ପରିଚାଳନା ନିମନ୍ତେ ବ୍ୟବହୃତ ନୌଚାଳନା ଉପକରଣ ସଂକ୍ରାନ୍ତ ଏକ ଦକ୍ଷତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍‌ଘାଯାପନୀ ଦିବସରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ଲାଇଫ୍ ବୟ ଓ ଲାଇଫ୍ ଜ୍ୟାକେଟ୍ ଆଦି ଜୀବନରକ୍ଷାକାରୀ ଉପକରଣ ବଣ୍ଟନ କରିଥିଲେ ।

***BBSR/R***

## ଇ.ଏସ୍.ଆଇ. କର୍ମଶାଳା

ଭୁବନେଶ୍ୱର ରାଜ୍ୟ ଶ୍ରମ ସଂସ୍ଥାନ ସମ୍ମିଳନୀ କକ୍ଷରେ କର୍ମଚାରୀ ରାଜ୍ୟ ବୀମା - ଇ.ଏସ୍.ଆଇ. ଔଷଧ ବିଶେଷଜ୍ଞମାନଙ୍କ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା ୨୫ ଜଣ ପ୍ରଶିକ୍ଷାର୍ଥୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

***Jajpur/R***

## ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହାସହ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ମାସ ୧୦ ତାରିଖରେ ଫାଇଲେରିଆ ରୋଗ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଏଥିରେ ୨ ବର୍ଷର କମ୍ ଶିଶୁ, ଗର୍ଭବତୀ ମହିଳା ଓ ରୋଗରେ ପୀଡ଼ିତ ଲୋକଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତେ ଅନ୍ତର୍ଭୁକ୍ତ ହୋଇ ପୂର୍ଣ୍ଣମାତ୍ରାରେ ଔଷଧ ସେବନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

***Met. O.***

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୨୨ରୁ ୨୪ ତାରିଖ ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ୨୩ ତାରିଖ ସୁଦ୍ଧା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇ ଉତ୍ତର ବଙ୍ଗୋପସାଗରରେ ପଶ୍ଚିମବଙ୍ଗ ସଂଲଗ୍ନ ଅଂଚଳରେ ଲଘୁଚାପ ଅବପାତର ରୂପ ନେବ। ୨୬ ତାରିଖ ବେଳକୁ ସ୍ଥଳଭାଗ ଆଡକୁ ଗତି କରିବ। ଏହାର ପ୍ରଭାବରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ବୌଦ୍ଧ, କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହିତ ବଜ୍ରପାତର ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ପାଣିପାଗ

ବିଜ୍ଞାନୀମାନଙ୍କ ଆକଳନ ଅନୁସାରେ, ଆଜି ଏବଂ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷକରି ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସହିତ ବଜ୍ରପାତର ସମ୍ଭାବନା ରହିଛି।

*****